# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**23 September– 2026**

# ବିଧାନସଭା-ପଞ୍ଚାୟତ ପୁନର୍ଗଠନ

ରାଜ୍ୟ ସରକାର ପଞ୍ଚାୟତ ପୁନର୍ଗଠନ ଲାଗି ପ୍ରଶାସନିକ ସ୍ତରରେ କୌଣସି ନିୟମାବଳୀ ପ୍ରସ୍ତୁତ କରିନାହାନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଗତକାଲି ବିଧାନସଭାରେ କହିଛନ୍ତି । ମନ୍ତ୍ରୀ ଶ୍ରୀ ନାୟକଙ୍କର ସୂଚନା ଅନୁସାରେ ସହରାଞ୍ଚଳ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ସହିତ ସମ୍ମିଶ୍ରଣ ଦ୍ୱାରା ପ୍ରଭାବିତ ଗ୍ରାମପଞ୍ଚାୟତଗୁଡ଼ିକର ଆବଶ୍ୟକସ୍ଥଳେ ପୁନର୍ଗଠନ କରାଯାଇଛି ।

---

# ବାମନ ଦ୍ୱାଦଶୀ / ସୁନିଆଁ

ପୁରୀ ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥି ଅବସରରେ ବାମନ ଜନ୍ମନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତନୀତି ହୋଇଥିବାରୁ ମଧ୍ୟାହ୍ନ ଧୂପପରେ ପ୍ରାୟ ଅପରାହ୍ନ ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ୬ ଘଣ୍ଟା ପାଇଁ ଶ୍ରୀଜୀଉଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

ଆଜି ମଧ୍ୟ ପବିତ୍ର ସୁନିଆ ପର୍ବ ପାଳନ ହେଉଛି ।ଏହି ଅବସରରେ ଗଜପତି ମହାରାଜ ଦିବ୍ୟସିଂହ

ଦେବଙ୍କ ୧ହଜାର ୪୩୪ ସାଲ୍ ଓ ୧୭ ଅଙ୍କ ଆରମ୍ଭ ହେବ । ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ସୁନିଆ ପର୍ବ ଦିନ ଗଜପତିଙ୍କର ନୂତନ ଅଙ୍କ ପ୍ରଚଳନର ବିଧି ଥିବାରୁ ଆଜିଠାରୁ ଗଜପତିଙ୍କର ନବବର୍ଷ ବୋଲି ଗଣନା କରାଯାଏ ।

## ବିଦେଶ ଶିକ୍ଷାବୃତ୍ତି

ଓଡ଼ିଶା ସରକାରଙ୍କ ପକ୍ଷରୁ ବିଦେଶ ଶିକ୍ଷାବୃତ୍ତି ଯୋଜନାରେ ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଯୋଗ୍ୟ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀମାନେ ବିଦେଶରେ ସ୍ନାତକୋତ୍ତର ଏବଂ ପିଏଚ୍.ଡି ପାଠ୍ୟକ୍ରମରେ ଅଧ୍ୟୟନ କରିବା ପାଇଁ ଓଡ଼ିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ୍ **scholarship.odisha.gov.in** ରେ ଆବେଦନ କରିପାରିବେ ।

## ଲୁଣିଆ ଗୁଳିକାଣ୍ଡ

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଶହୀଦନଗର ଲୁଣିଆର ଶହୀଦ ସ୍ମୃତିପୀଠରେ ଗତକାଲି ଲୁଣିଆ ଗୁଳିକାଣ୍ଡର ୮୪ତମ ସ୍ମୃତି ଦିବସ ପାଳନ କରାଯାଇଛି । ଏଥିରେ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ମୃତିପୀଠର ବିକାଶ ପାଇଁ ରାଜ୍ୟ ସରକାର ୧୦ କୋଟି ଟଙ୍କା ମଂଜୁର କରିଥିବା ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି ।

# ପ୍ରତିଯୋଗିତା

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନ, ଉଦ୍ୟମିତା ଓ ଷ୍ଟାର୍ଟଅପ୍ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରୁ ୭ଟି ଶ୍ରେଷ୍ଠ ପ୍ରସ୍ତାବ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି ।

---

# ଆୟୁର୍ବେଦ ଦିବସ

ପ୍ରାଚୀନ ଜ୍ଞାନଧାରା, ମାନବ ଜୀବନ ଏବଂ ପୃଥିବୀ ସହିତ ସମନ୍ୱୟ ରଖି ଚିକିତ୍ସା ଦୃଷ୍ଟିକୋଣକୁ ଆୟୁର୍ବେଦ ପ୍ରସ୍ତୁତ କରିଥାଏ । ମାନବ ଜାତି ଏବଂ ପୃଥିବୀ ପାଇଁ ଆୟୁର୍ବେଦ ସମସ୍ତଙ୍କୁ ଜ୍ଞାନର ଗଭୀର ମୂଲ୍ୟ ବୁଝାଇବା ସହିତ ମନୁଷ୍ୟର ସ୍ୱାସ୍ଥ୍ୟକୁ ପ୍ରକୃତି ସହିତ ସମନ୍ୱୟ ରଖିବା ପାଇଁ ଆୟୁର୍ବେଦ ବାର୍ତ୍ତା ଦେଇଥାଏ । ଆୟୁର୍ବେଦ ଶାରୀରିକ ଓ ମାନସିକ ସନ୍ତୁଳନ ଉପରେ ପର୍ଯ୍ୟବେସିତ । ଏହା ଏକ ଚିକିତ୍ସା ପଦ୍ଧତି ଏବଂ ଜୀବନ ଶୈଳୀ। ଚଳିତବର୍ଷ ଜାତୀୟ ଆୟୁର୍ବେଦ ଦିବସର ବାର୍ତ୍ତା ହେଉଛି **ସୁସ୍ଥ ଭବିଷ୍ୟତ ପାଇଁ ଆୟୁର୍ବେଦ** ।

# ସାଂକେତିକ ଭାଷା ଦିବସ

ସାଂକେତିକ ଭାଷା ହେଉଛି ଭାଷାଭିତ୍ତିକ ଓ ସାଂସ୍କୃତିକ ବିବିଧତାର ଏକ ଅଂଶ । ବ୍ୟକ୍ତିର ଅଭିବୃଦ୍ଧି ଓ ବିକାଶରେ ସାଂକେତିକ ଭାଷା ଗୁରୁତ୍ୱ ବହନ କରିଥାଏ ।୨୦୧୭ ମସିହାରେ ମିଳିତ ଜାତିସଂଘର ସାଧାରଣ

ସଭାରେ ଆଜିର ଦିନକୁ ଆନ୍ତର୍ଜାତିକ ସାଂକେତିକ ଭାଷା ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ଏବଂ ୨୦୧୮ ମସିହାରୁ ଏହି ଦିବସ ପାଳନ କରାଯାଉଛି । ଚଳିତବର୍ଷ ଆନ୍ତର୍ଜାତିକ ସାଂକେତିକ ଭାଷା ଦିବସର ବାର୍ତ୍ତା ହେଉଛି **ବଧିର ଲୋକମାନଙ୍କ ପାଇଁ ମାନବାଧିକାର ଘୋଷଣା ।** ପୃଥିବୀରେ ୭ କୋଟିରୁ ଅଧିକ ମୂକ ଓ ବଧିର ଲୋକ ଅଛନ୍ତି । ସାମୂହିକ ଭାବେ ସେମାନେ ୩୦୦ରୁ ଅଧିକ ବିଭିନ୍ନ ସାଂକେତିକ ଭାଷା ବ୍ୟବହାର କରିଥାନ୍ତି ।

# ପାଣିପାଗ-ବର୍ଷା

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଅବପାତ ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଆଜି ରାତି କିମ୍ବା ଆସନ୍ତାକାଲି ସକାଳ ସୁଦ୍ଧା  ବିଶାଖପଟନମ୍ ଓ ଗୋପାଳପୁର ମଧ୍ୟରେ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ଦେଇ ଏହା ଅତିକ୍ରମ କରିବ ।

ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ଓ ଉପକୂଳ ଜିଲ୍ଲାଗୁଡ଼ିକରେ ବର୍ଷା ଲାଗି ରହିଛି । ବର୍ଷାକୁ ଦୃଷ୍ଟିରେ ରଖି ୧୨ଟି ଜିଲ୍ଲାର ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଆସନ୍ତାକାଲି ପର୍ଯ୍ୟନ୍ତ ସରକାରୀ ସ୍ତରରେ ଛୁଟି ଘୋଷଣା କରାଯାଇଛି । କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ପଶ୍ଚିମ ଓଡ଼ିଶା ସମେତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର,

କଟକ, ଢେଙ୍କାନାଳ, ମୟୂରଭଞ୍ଜ, ପୁରୀ ଓ ନୟାଗଡ଼ ଜିଲ୍ଲାରେ ଗତକାଲିଠାରୁ ବର୍ଷା ଲାଗି ରହିଛି ।

ଗଭୀର ଅବପାତକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ୨୧୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ୯୪୩ ଜଣ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇଛି ।

## ପରୀକ୍ଷା ଘୁଞ୍ଚିଲା

ସମ୍ଭାବ୍ୟ ବାତ୍ୟା 'ଅନ୍ନବ'କୁ ଦୃଷ୍ଟିରେ ରଖି ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ ପକ୍ଷରୁ ଆସନ୍ତାକାଲି ହେବାକୁ ଥିବା ଉଚ୍ଚପ୍ରାଥମିକ ମେଧାବୃତ୍ତି ପରୀକ୍ଷାକୁ ଆସନ୍ତା ଅକ୍ଟୋବର ମାସ ୩ ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ଛାତ୍ରଛାତ୍ରୀମାନେ ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି ।

..............................................................................